ମହାରାଷ୍ଟ୍ର ରାଜ୍ୟ

ବନାମ

ମାହାରାଉ ଶ୍ରବଣ ହଟକର

ଫେବୃଆରୀ 21, 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଏବଂ ଅର୍ଜନ ଅଧିନିୟମ, 1894- ଧାରା 26(2), 13-A, 23 ଏବଂ 28- ଭୂମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1984 ର 68- ଧାରା 23 (1-A) ଏବଂ 2 ଧାରା 28- କୌଣସି ଉଲ୍ଲେଖ ବିନା ଦେୱାନୀ ନ୍ୟାୟାଳୟ ଦ୍ୱାରା କ୍ଷତିପୂରଣ ଡିକ୍ରି ସଂଶୋଧନ- ସଂଶୋଧନ ଅଧିନିୟମ, 1984 ଅନୁଯାୟୀ ଅଧିନିର୍ଣ୍ଣୟ ବୃଦ୍ଧି- ଦେୱାନୀ ନ୍ୟାୟାଳୟର କ୍ଷମତା ।*

ଭୂମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4(1) ଅନୁଯାୟୀ ପ୍ରତିବାଦୀଙ୍କ ଭୂମି ଅଧିଗ୍ରହଣ କରାଯାଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା କ୍ଷତିପୂରଣ ପ୍ରଦାନ କରାଯାଇଥିଲା ଯାହାକୁ ବିଚାରାର୍ଥେ ପ୍ରେରଣପୂର୍ବକ ଦେୱାନୀ ନ୍ୟାୟାଧୀଶଙ୍କ ଦ୍ୱାରା ବୃଦ୍ଧି କରାଯାଇଥିଲା । 1984 ରେ ଭୂମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ କାର୍ଯ୍ୟକାରୀ ହେବା ପରେ, ପ୍ରତିବାଦୀମାନେ ବର୍ଦ୍ଧିତ ସହାୟତା, ଅତିରିକ୍ତ କ୍ଷତିପୂରଣ ଏବଂ ଏହା ଅଧୀନରେ ସୁଧ ପ୍ରଦାନ ପାଇଁ ଦେୱାନୀ ନ୍ୟାୟାଧୀଶଙ୍କ ନିକଟରେ ଆବେଦନ କରିଥିଲେ । ଦେୱାନୀ ନ୍ୟାୟାଧୀଶ ମଧ୍ୟ ସେଗୁଡ଼ିକୁ ପ୍ରଦାନ କରିଥିଲେ ।

ଅସନ୍ତୁଷ୍ଟ ହୋଇ, ଆବେଦନକାରୀ ଆବେଦନ କରିଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ସରାସରି ଭାବେ ଖାରଜ କରିଦେଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ, ଆବେଦନକାରୀ ଯୁକ୍ତି କରିଥିଲେ ଯେ ସଂଶୋଧନ ଅଧିନିୟମ ଅଧୀନରେ ଲାଭ ପ୍ରଦାନ କରିବା ପାଇଁ ଦେୱାନୀ ନ୍ୟାୟାଳୟର କୌଣସି କ୍ଷେତ୍ରାଧିକାରିତା ନାହିଁ କାରଣ କ୍ଷତିପୂରଣର ପ୍ରସଙ୍ଗ କେବଳ ଏକ ସନ୍ଦର୍ଭ ଉପରେ ସ୍ଥିର କରାଯାଇପାରିବ । କ୍ଷତିପୂରଣ ଅଧିନିର୍ଣ୍ଣୟ ଏକ ଡିକ୍ରି ଥିଲା ଯାହା କେବଳ ଲିପିକ ତ୍ରୁଟି ପାଇଁ ସଂଶୋଧନର ବିଷୟ ଥିଲା । ନ୍ୟାୟାଳୟ କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ସ୍ୱାଧୀନ ଭାବରେ କ୍ଷମତା ପ୍ରୟୋଗ କରିପାରିଲେ ନାହିଁ । ପ୍ରତିବାଦୀ ଯୁକ୍ତି କରିଥିଲେ ଯେ ସଂଶୋଧନ ଅଧିନିୟମ ଅଧୀନରେ ସୁବିଧାମାନ ପ୍ରଦାନ କରିବା ପାଇଁ ଦେୱାନୀ ନ୍ୟାୟାଳୟ ଅନ୍ତର୍ନିହିତ କ୍ଷମତା ରହିଛି ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

କହିଲେ: 1.1 ଯେଉଁ ମାମଲାରେ ନ୍ୟାୟାଳୟ ଉଲ୍ଲେଖ ଉପରେ କ୍ଷତିପୂରଣ ବୃଦ୍ଧି କରିନଥିଲେ, ସେହି ମାମଲାରେ ସଂଶୋଧନ ଅଧିନିୟମ ବ୍ୟବସ୍ଥା ଅଧୀନରେ କୌଣସି ସୁଧ ପ୍ରଦାନ କରିବା କିମ୍ବା ସୁଧ ପ୍ରଦାନ ପ୍ରସାର କରିବାର କ୍ଷମତା ନ୍ୟାୟାଳୟର ନଥିଲା ।

**1.2. ଏହି ଅଧିନିୟମର ଧାରା 13A କିମ୍ବା ସି.ପି.ସି. ର ଧାରା 152 ଅଧୀନରେ ସ୍ପଷ୍ଟ ଭାବେ ପରିକଳ୍ପିତ କେବଳ ଲିପିକ ସମ୍ବନ୍ଧୀୟ କିମ୍ବା ଗାଣିତିକ ଭୁଲଗୁଡ଼ିକୁ ଦେୱାନୀ ନ୍ୟାୟାଳୟ ସଂଶୋଧନ କରିପାରିବେ ।**

**1.3. ଯଦିଓ ସିପିସି ର ଧାରା 151 ନ୍ୟାୟାଳୟକୁ ଅନ୍ତର୍ନିହିତ କ୍ଷମତା ପ୍ରଦାନ କରିଥିଲା, ଏହାର ଉଦ୍ଦେଶ୍ୟ କେବଳ ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାରକୁ ରୋକିବା କିମ୍ବା ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବା ଥିଲା । ବର୍ତ୍ତମାନର ମାମଲା ଏପରି ପ୍ରକୃତିର ଏକ ମାମଲା ନଥିଲା । ଯେହେତୁ ଧାରା 23 ଏକ ସ୍ପଷ୍ଟ କ୍ଷମତା ଥିଲା ଯାହା ଅଧୀନରେ ଦେୱାନୀ ନ୍ୟାୟାଳୟକୁ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ଆହୁରି କ୍ଷେତ୍ରାଧିକାରିତା ପ୍ରଦାନ କରାଯାଇଥିଲା, ଆବଶ୍ୟକୀୟ ପ୍ରଭାବ ଦ୍ୱାରା ସି.ପି.ସି. ର ଧାରା 151 କୁ ବାଦ ଦିଆଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1800/1991

ଏଫ. ଏ. ସଂଖ୍ୟା 169/1987 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର ତା 24.4.87 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଏ. ଏସ. ଭାସ୍ମେ ।

ପ୍ରତିବାଦୀଙ୍କ ପକ୍ଷରୁ ଜି. କେ. ବଂଶଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯେହେତୁ ପ୍ରତିବାଦୀଙ୍କ ପାଇଁ ପ୍ରତିନିଧିତ୍ୱ କରାଯାଇନଥିଲା, ଆମ୍ଭେ ଶ୍ରୀମାନ ଓକିଲ ଶ୍ରୀ ଜି. କେ. ବଂଶଲଙ୍କୁ ନ୍ୟାୟାଳୟଙ୍କ ସହାୟତା କରିବାକୁ ଅନୁରୋଧ କରିଥିଲୁ ଯାହା ସେ ଗ୍ରହଣ କରିଥିଲେ ଏବଂ ଉତ୍ତମ ସହାୟତା ଦେଇଥିବାରୁ ଆମ୍ଭେ ତାଙ୍କୁ କୃତଜ୍ଞତା ଜଣାଉଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ବମ୍ବେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠର ପ୍ରଥମ ଆବେଦନ ସଂଖ୍ୟା 169/87, ତା 24.4.1987 ରିଖରେ ପ୍ରଦତ୍ତ ରାୟରୁ ଉତ୍ପନ୍ନ ହୋଇଛି । ଭୂମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4(1) ଅଧୀନରେ (ସଂକ୍ଷେପରେ, 'ଅଧିନିୟମ'), କାସାମପୁରା ଗ୍ରାମରେ ନିଷ୍କାସନ ଜଳାଧାର ପାଇଁ ଭୂମି ଅଧିଗ୍ରହଣ ପାଇଁ 13.8.1979 ରେ ରାଜ୍ୟ ରାଜପତ୍ରରେ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ ତାଙ୍କ ତା 17.12.1981 ରିଖ ଅଧିନିର୍ଣ୍ଣୟ ଦ୍ୱାରା କ୍ଷତିପୂରଣ ପ୍ରଦାନ କରିଥିଲେ । ଦାବିଦାରଙ୍କ ଅନୁରୋଧକ୍ରମେ, ଅଧିନିୟମର ଧାରା 18 ଅଧୀନରେ ସୁପାରିଶ ଅନୁସାରେ, ଜଳଗାଁର ବରିଷ୍ଠ ବିଭାଗର ଦେୱାନୀ ନ୍ୟାୟାଧୀଶ ତା 25.10.1983 ରିଖରେ ତାଙ୍କ ଅଧିନିର୍ଣ୍ଣୟ ଏବଂ ଡିକ୍ରିରେ କ୍ଷତିପୂରଣ ବୃଦ୍ଧି କରିଥିଲେ । ଏହା ଜଣାପଡ଼ିବ ଯେ କୌଣସି ଆବେଦନକୁ ଚୟନ କରାଯାଇନଥିଲା । ତା 24 ସେପ୍ଟେମ୍ବର 1984 ରିଖରେ ଭୂମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1894 ର 68 କାର୍ଯ୍ୟକାରୀ ହେବା ପରେ, ଦାବିଦାରମାନେ ସଂଶୋଧନ ଅଧିନିୟମ ଅଧୀନରେ ବର୍ଦ୍ଧିତ ସହାୟତା, ଅତିରିକ୍ତ କ୍ଷତିପୂରଣ ଏବଂ ସୁଧ ପ୍ରଦାନ କରିବା ପାଇଁ

ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟରେ ଏକ ଆବେଦନ କରିଥିଲେ । ଦେୱାନୀ ନ୍ୟାୟାଧୀଶ 31 ମାର୍ଚ୍ଚ ,1986 ରେ ତାଙ୍କ ଆଦେଶ ଦ୍ୱାରା ଆବେଦନକୁ ଅନୁମତି ଦେଇଥିଲେ ଏବଂ ନିମ୍ନମତେ ରାୟ ଦେଇଥିଲେ:

"(i) ସମସ୍ତ ଆବେଦନକାରୀ ବିଜ୍ଞପ୍ତି ତାରିଖ କିମ୍ବା ବେଦଖଲ ତାରିଖ ଠାରୁ ବାର୍ଷିକ 12 ପ୍ରତିଶତ ହାରରେ ଗଣନା କରାଯାଇଥିବା କ୍ଷତିପୂରଣର ଅତିରିକ୍ତ ରାଶି ପାଇବାକୁ ହକଦାର ଅଟନ୍ତି, ଯାହା ପୂର୍ବରୁ ସମଗ୍ର ବଜାର ମୂଲ୍ୟ ଉପରେ ଅଧିନିର୍ଣ୍ଣୟ ତାରିଖ ପର୍ଯ୍ୟନ୍ତ ହୋଇଥାଏ, ଅର୍ଥାତ୍ ବିଶେଷ ଏଲ.ଏ.ଓ. ବିଭାଗ ଦ୍ୱାରା ଆକଳନ କରାଯାଇଥିବା ବଜାର ମୂଲ୍ୟ ଏବଂ ଏହି ନ୍ୟାୟାଳୟ ଦ୍ୱାରା ସମ୍ପୃକ୍ତ ମାମଲାରେ ବୃଦ୍ଧି କରାଯାଇଥିଲା ।

(ii) ଆବେଦନକାରୀମାନେ ମଧ୍ୟ ସମଗ୍ର ବଜାର ମୂଲ୍ୟ ଉପରେ 30 ପ୍ରତିଶତ ହାରରେ ସହାୟତା ପାଇବାକୁ ହକଦାର ଅଟନ୍ତି ।

(iii) ଆବେଦନକାରୀମାନେ ମଧ୍ୟ ବିଜ୍ଞପ୍ତି ଜାରି ହେବା ଦିନଠାରୁ ବାର୍ଷିକ 9 ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ଅଟନ୍ତି । ଏଲ.ଏ. ଅଧିନିୟମର ଧାରା 4 କିମ୍ବା ଉଚ୍ଛେଦ ତାରିଖ, ଯାହା ପୂର୍ବରୁ ହେଉ ନା କାହିଁକି, ସେହି ତାରିଖଠାରୁ ଏକ ବର୍ଷର ଅବଧି ଶେଷ ହେବା ପର୍ଯ୍ୟନ୍ତ ଏବଂ ତା'ପରେ କ୍ଷତିପୂରଣ ରାଶି ଉପରେ ବାର୍ଷିକ 15 ପ୍ରତିଶତ ହାରରେ ବେଦଖଲ ତାରିଖ ପର୍ଯ୍ୟନ୍ତ, ଅର୍ଥାତ୍ ମୋଟ ବଜାର ମୂଲ୍ୟ ଏବଂ ଉପାଦାନ, ଏବଂ ସମ୍ପୃକ୍ତ ମାମଲା ପାଇଁ 30 ପ୍ରତିଶତ ।

(iv) ବଜାର ମୂଲ୍ୟ, ଋଣ, ସୁଧ କାରଣରୁ ପୂର୍ବରୁ ସମ୍ପୃକ୍ତ କିଛି ପ୍ରଦାନ କରାଯାଇଛି, ତାହା ସେମାନଙ୍କ ଦାବିଗୁଡ଼ିକରୁ କାଟି ଦିଆଯିବ ।

ଏଥିରେ ଅସନ୍ତୁଷ୍ଟ ହୋଇ ରାଜ୍ୟ ଏହି ମାମଲା ଉପରେ ଆବେଦନ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ସରାସରି ଭାବେ ଖାରଜ କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି ।

ବିଚାର ପାଇଁ ଉଠୁଥିବା ଏକମାତ୍ର ପ୍ରଶ୍ନ ଏହିକି ଯେ ସଂଶୋଧନ ଅଧିନିୟମ, 1984 ର 68 ର ସୁବିଧାମାନ ପ୍ରଦାନ କରିବାକୁ ଦେୱାନୀ ନ୍ୟାୟାଳୟର କ୍ଷମତା ଏବଂ କ୍ଷେତ୍ରାଧିକାରିତା ଅଛି କି? ରାଜ୍ୟର ଶ୍ରୀମାନ ଓକିଲ ଶ୍ରୀ ଭାମେ ଯୁକ୍ତି ବାଢ଼ିଥିଲେ ଯେ କେବଳ ସନ୍ଦର୍ଭ ଆଧାରରେ ଅଧିନିୟମର ଧାରା 23(1) ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ ଦେୱାନୀ ନ୍ୟାୟାଳୟ କ୍ଷେତ୍ରାଧିକାରିତା ପାଇଥାଏ । ଧାରା 23 ର ଉପ-ଦଫା (1) ଅନୁଯାୟୀ କ୍ଷତିପୂରଣ ବୃଦ୍ଧି କରିବା ପାଇଁ ଏହି ଅଧିନିର୍ଣ୍ଣୟ ପ୍ରଦାନ କଲେ, ଏହା ଧାରା 26(2) ଅଧୀନରେ ଏକ ଡିକ୍ରି ହେବ । ତା'ପରେ ଆଇନର ଅନୁସରଣ ଛଡ଼ା ଡିକ୍ରି ସଂଶୋଧନ କରିବାକୁ ନ୍ୟାୟାଳୟର କୌଣସି କ୍ଷମତା ନାହିଁ । ଏହା ସି.ପି.ସି. ର ଧାରା 152 କିମ୍ବା ଅଧିନିୟମର ଧାରା 13A ଅଧୀନରେ ସଂଶୋଧନ ପାଇଁ ଏକ ଲିପିକ କିମ୍ବା ଗାଣିତିକ ଭୁଲ ନୁହେଁ, ବରଂ କ୍ଷମତାର ଏକ ସ୍ୱାଧୀନ ପ୍ରୟୋଗ ଅଟେ । ଯେ ପର୍ଯ୍ୟନ୍ତ ନ୍ୟାୟାଳୟ ଆଇନ ଦ୍ୱାରା ଏପରି କରିବାକୁ କ୍ଷମତାପ୍ରାପ୍ତ ନୁହଁନ୍ତି, ସଂଶୋଧନ ଅଧିନିୟମ ଅଧୀନରେ ଲାଭ ପ୍ରଦାନ କରିବା ପାଇଁ ଦେୱାନୀ ନ୍ୟାୟାଳୟ ନ୍ୟାୟିକ ବ୍ୟବସ୍ଥାରୁ ବଞ୍ଚିତ ।

ଅନ୍ୟପକ୍ଷରେ ଶ୍ରୀମାନ ଓକିଲ ଶ୍ରୀ ଜି. କେ. ବଂଶଲ ଯୁକ୍ତି ବାଢ଼ିଥିଲେ ଯେ ଯେହେତୁ ଅଧିନିୟମର ଧାରା 53 ର କାର୍ଯ୍ୟକାରିତା ଦ୍ୱାରା ସିପିସି ର ଧାରା 18 ଅଧୀନରେ ଉଲ୍ଲେଖ ପ୍ରକ୍ରିୟାକୁ ପ୍ରଯୋଜ୍ୟ କରାଯାଇଛି, ତେଣୁ ଦେୱାନୀ ନ୍ୟାୟାଳୟ ସିପିସି ର ଧାରା 151 ଅଧୀନରେ ଲାଭ ପ୍ରଦାନ କରିବା ପାଇଁ ଅନ୍ତର୍ନିହିତ କ୍ଷମତା ପାଆନ୍ତି ଏବଂ ସେଥିପାଇଁ ନ୍ୟାୟାଳୟ  ସଂଶୋଧନ ଅଧିନିୟମ  ଅନୁଯାୟୀ ସୁବିଧାମାନ ପ୍ରଦାନ କରି ଏକ ନୂତନ ଆଦେଶ ପାରିତ କରିପାରିବେ ।

ଶ୍ରୀ ବଂଶଲଙ୍କ ଯୁକ୍ତିରେ ଆମ୍ଭେ କୌଣସି ଦମ୍ଭ ପାଉନାହୁଁ । ଧାରା 18  ଅଧୀନରେ ଉଲ୍ଲେଖ ପ୍ରାପ୍ତ ହେବା ପରେ, ଅଧିନିୟମର ଧାରା 19 ଏବଂ 20 ଅଧୀନରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ପାଳନ କରିବାର ଆବଶ୍ୟକତା ରହିଛି ଏବଂ ଦେୱାନୀ ନ୍ୟାୟାଳୟ ଉପ-ଧାରା (1) ଅନୁଯାୟୀ ସୂଚିତ ଢଙ୍ଗରେ କ୍ଷତିପୂରଣ ନିର୍ଦ୍ଧାରଣ କରିଥାନ୍ତି । ଅଧିନିୟମର ଧାରା 23, ଯେଉଁଥିରେ ପରିକଳ୍ପନା କରାଯାଇଛି ଯେ ଏହି ଅଧିନିୟମ ଅଧୀନରେ ଅଧିଗ୍ରହଣ କରାଯାଇଥିବା ଭୂମି  ପାଇଁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରିବା ସମୟରେ, କ୍ଷତିପୂରଣ ନିର୍ଣ୍ଣୟ କରିବା ସମୟରେ ନ୍ୟାୟାଳୟ ଏଥିରେ ଉଲ୍ଲେଖିତ ପ୍ରଥମରୁ ଷଷ୍ଠ ଧାରା ପର୍ଯ୍ୟନ୍ତ ବିଚାର କରିବେ । ଧାରା 23 ର ଉପ-ଧାରା (1-A), ଯାହା ସଂଶୋଧନ ଅଧିନିୟମ ଦ୍ୱାରା ଅଣାଯାଇଥିଲା, ଏବଂ ଧାରା 23 ର ଉପ-ଧାରା (2) ପ୍ରଦାନ କରେ ଯେ:

"(1-A) ଉପରୋକ୍ତ ବ୍ୟବସ୍ଥା ଅଧୀନରେ ଭୂମିର ବଜାର ମୂଲ୍ୟ ବ୍ୟତୀତ, ନ୍ୟାୟାଳୟ ପ୍ରତ୍ୟେକ କ୍ଷେତ୍ରରେ, ଧାରା 4, ଉପ-ଧାରା (1) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଏବଂ ତାରିଖ ଠାରୁ ଆରମ୍ଭ ହେଉଥିବା ଅବଧି ପାଇଁ, ଏପରି ଭୂମି ସମ୍ବନ୍ଧରେ, ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ତାରିଖ କିମ୍ବା ଭୂମି ଅଧିକାର କରିବାର ତାରିଖ, ଯାହା ପୂର୍ବରୁ ହେଇଥିବ, ସେହି ଅବଧି ପାଇଁ, ସେହି ବଜାର ମୂଲ୍ୟ ଉପରେ ବାର୍ଷିକ ବାର ପ୍ରତିଶତ ହାରରେ ଗଣନା କରାଯାଇଥିବା ରାଶି ପ୍ରଦାନ କରିବେ ।

(2)  ଭୂମିର ବଜାର ମୂଲ୍ୟ ବ୍ୟତୀତ, ଯାହା ଉପରେ ପ୍ରମାଣିତ ହୋଇଛି, ନ୍ୟାୟାଳୟ ପ୍ରତ୍ୟେକ ମାମଲାରେ ଅଧିଗ୍ରହଣର ବାଧ୍ୟତାମୂଳକ ପ୍ରକୃତିକୁ ବିଚାରକୁ ନେଇ ଏପରି ବଜାର ମୂଲ୍ୟ ଉପରେ ତିରିଶ ପ୍ରତିଶତ ରାଶି ପ୍ରଦାନ କରିବେ ।

ଧାରା  28 ରେ ପରିକଳ୍ପନା କରାଯାଇଛି ଯେ:

"28. ଅତିରିକ୍ତ କ୍ଷତିପୂରଣ ଉପରେ ସୁଧ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ । ଯଦି, ନ୍ୟାୟାଳୟଙ୍କ ମତାମତରେ ଯେଉଁ ରାଶି ଜିଲ୍ଲାପାଳ କ୍ଷତିପୂରଣ ଭାବେ ପ୍ରଦାନ କରିବା ଉଚିତ ଥିଲା, ତାହା ଜିଲ୍ଲାପାଳ କ୍ଷତିପୂରଣ ଭାବେ ଯେଉଁ ରାଶି ପ୍ରଦାନ କରିଥିଲେ, ତା'ଠାରୁ ଅଧିକ ହୋଇଥାଏ, ତେବେ ନ୍ୟାୟାଳୟଙ୍କ ରାୟ ନିର୍ଦ୍ଦେଶ ଦେଇପାରେ ଯେ, ଜିଲ୍ଲାପାଳ ଯେଉଁ ତାରିଖରେ ଭୂମି ଅଧିକାର କରିଥିଲେ ସେହି ଦିନଠାରୁ ଅଦାଲତକୁ ଏପରି ଅତିରିକ୍ତ ଅର୍ଥ ପ୍ରଦାନ କରିବା ତାରିଖ ପର୍ଯ୍ୟନ୍ତ ବାର୍ଷିକ ନଅ ପ୍ରତିଶତ ହାରରେ ଏପରି ଅତିରିକ୍ତ ରାଶି ଉପରେ ସୁଧ ପ୍ରଦାନ କରିବେ:

ପରନ୍ତୁ ନ୍ୟାୟାଳୟର ଅଧିନିର୍ଣ୍ଣୟ ଏହା ମଧ୍ୟ ନିର୍ଦ୍ଦେଶ ଦେଇପାରିବ ଯେ ଯେଉଁ ତାରିଖରେ ଏପରି ଅତିରିକ୍ତ କିମ୍ବା ଏହାର କୌଣସି ଅଂଶ ଅଧିକାର ଗ୍ରହଣ କରାଯିବା ତାରିଖ ଠାରୁ ଏକ ବର୍ଷର ଅବଧି ସମାପ୍ତ ହେବା ତାରିଖ ପରେ ନ୍ୟାୟାଳୟକୁ ପ୍ରଦାନ କରାଯାଇଥାଏ, ସେହି ସମୟସୀମା ପୂର୍ବରୁ ନ୍ୟାୟାଳୟକୁ ପ୍ରଦାନ କରାଯାଇନଥିବା ଏପରି ଅତିରିକ୍ତ କିମ୍ବା ଏହାର କିଛି ଅଂଶ ଉପରେ ଉକ୍ତ ଏକ ବର୍ଷର ଅବଧି ସମାପ୍ତ ହେବା ତାରିଖ ଠାରୁ ବାର୍ଷିକ ପନ୍ଦର ପ୍ରତିଶତ ହାରରେ ସୁଧ ପ୍ରଦାନ କରାଯିବ ।"

ତେଣୁ ଦେଖାଯିବ ଯେ ଧାରା 23 ର ଉପ-ଧାରା (1 A) ଏବଂ (2) ଅନୁଯାୟୀ ପରିକଳ୍ପିତ ଅତିରିକ୍ତ ପରିମାଣ ଅଧିନିୟମର ଧାରା 23 ର ଉପ-ବିଭାଗ (1) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷତିପୂରଣର ଅଂଶ ନୁହେଁ । ସେଗୁଡ଼ିକ କେବଳ ଜମିର ବଜାର ମୂଲ୍ୟ ସହିତ ଅତିରିକ୍ତ ସୁଧ ପ୍ରଦାନ ମଧ୍ୟ କେବଳ କ୍ଷତିପୂରଣ ବୃଦ୍ଧି କାରଣରୁ ହୋଇଥାଏ । ଯେଉଁ କ୍ଷେତ୍ରରେ ନ୍ୟାୟାଳୟ ଉଲ୍ଲେଖ ଉପରେ କ୍ଷତିପୂରଣ ବୃଦ୍ଧି କରିନାହାଁନ୍ତି, ସେହି ମାମଲାରେ ଧାରା 28 ଅନୁଯାୟୀ କୌଣସି ସୁଧ ପ୍ରଦାନ ଅଧିନିର୍ଣ୍ଣୟ କରିବା କିମ୍ବା ଦଖଲ କରିବାର ତାରିଖ ଠାରୁ 9 ପ୍ରତିଶତ ଏବଂ ତା 'ପରେ 15 ପ୍ରତିଶତ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ସୁଧ ପ୍ରଦାନ ଅଧିନିର୍ଣ୍ଣୟ କରିବାର କ୍ଷମତା ନ୍ୟାୟାଳୟର ନାହିଁ ।

ଏହି ଅଧିନିୟମର ଧାରା 26 ରେ ଉଲ୍ଲେଖ ରହିଛି ଯେ:

"(1) ଏହି ଭାଗ ଅଧୀନରେ ପ୍ରତ୍ୟେକ ଅଧିନିର୍ଣ୍ଣୟ ନ୍ୟାୟାଧୀଶଙ୍କ ଯଥାକ୍ରମେ ସ୍ୱାକ୍ଷରିତ ଲିଖିତ ଭାବେ ହେବ ଏବଂ ଧାରା 23 ର ଉପଧାରା (1) ର ପ୍ରଥମ ଖଣ୍ଡ ଅଧୀନରେ ପ୍ରଦାନ କରାଯାଇଥିବା ଅର୍ଥରାଶି ଏବଂ ସେହି ଉପ-ଧାରାର ଅନ୍ୟ ପ୍ରତ୍ୟେକ ଖଣ୍ଡ ଅଧୀନରେ ପ୍ରଦାନ କରାଯାଇଥିବା ଅର୍ଥରାଶି (ଯଦି ଥାଏ), ଉକ୍ତ ଅର୍ଥରାଶି ମଧ୍ୟରୁ ପ୍ରତ୍ୟେକ ଅଧିନିର୍ଣ୍ଣୟ କରିବାର କାରଣ ସହିତ, ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିବ ।

(2) ଏହିପରି ପ୍ରତ୍ୟେକ ଅଧିନିର୍ଣ୍ଣୟକୁ ଡିକ୍ରି ବୋଲି ଏବଂ ପ୍ରତ୍ୟେକ ଏପରି ରାୟ ପ୍ରଦାନର ଆଧାରର ବିବୃତିକୁ, ଦେୱାନୀ ପ୍ରକ୍ରିୟା ସଂହିତା, 1908 (1908 ର 5) ର ଯଥାକ୍ରମେ ଧାରା 2, ଖଣ୍ଡ (2), ଏବଂ ଧାରା 2, ଖଣ୍ଡ (9) ର ଅର୍ଥ ମଧ୍ୟରେ ବିବେଚନା କରାଯିବ ।"

ତେଣୁ, ଏହା ଜଣାପଡ଼ିବ ଯେ ଧାରା 26(2) ଅଧୀନରେ ଡିକ୍ରି ଜାରି କରାଯିବା ପରେ, ଦେୱାନୀ ନ୍ୟାୟାଳୟକୁ କେବଳ ଲିପିକ କିମ୍ବା ଗାଣିତିକ ଭୁଲଗୁଡ଼ିକୁ ସଂଶୋଧନ କରିବାକୁ ଛାଡି ଦିଆଯାଇଛି, ଯାହା ଅଧିନିୟମର ଧାରା 13-A କିମ୍ବା ସିପିସି ର ଧାରା 152 ଅଧୀନରେ ସ୍ପଷ୍ଟ ଭାବରେ ପରିକଳ୍ପନା କରାଯାଇଛି । ଯଦିଓ ସିପିସି ର ଧାରା 151 ନ୍ୟାୟାଳୟକୁ ଅନ୍ତର୍ନିହିତ କ୍ଷମତା ପ୍ରଦାନ କରେ, ଏହା କେବଳ ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାରକୁ ରୋକିବା କିମ୍ବା ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନର ମାମଲା ଏପରି ପ୍ରକୃତିର ଏକ ମାମଲା ନୁହେଁ । ଅଧିକନ୍ତୁ, ଯେହେତୁ ଧାରା 23 ଏକ ସ୍ପଷ୍ଟ କ୍ଷମତା ଅଟେ ଯାହା ଅଧୀନରେ

ଦେୱାନୀ ନ୍ୟାୟାଳୟକୁ କ୍ଷତିପୂରଣ ନିର୍ଦ୍ଧାରଣ କରିବାର କ୍ଷେତ୍ରାଧିକାରିତା ପ୍ରଦାନ କରାଯାଇଛି,ଏବଂ ବଜାର ମୂଲ୍ୟ ସହିତ ଧାରା 23 (1-A) ଏବଂ 23(2) ଏବଂ ଧାରା 28  ଅଧୀନରେ ସୁଧ ଉପାଦାନର  ପରିକଳ୍ପିତ ପରିମାଣର ନିର୍ଦ୍ଦିଷ୍ଟ ପ୍ରତିଶତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଅଧିକନ୍ତୁ, ଆବଶ୍ୟକୀୟ ନିହିତାର୍ଥ ଦ୍ୱାରା ସିପିସି ର ଧାରା 151 ର ଆହ୍ୱାନକୁ ବାଦ ଦିଆଯାଇଛି ।

ସୁତରାଂ, ଆମ୍ଭେ ବିଚାର କରୁଛୁ ଯେ ଦେୱାନୀ ନ୍ୟାୟାଳୟର ନ୍ୟାୟିକ କ୍ଷେତ୍ରାଧିକାରିତାର ଅନ୍ତର୍ନିହିତ ଅଭାବ ଥିଲା ଏବଂ ସଂଶୋଧନ ଅଧିନିୟମ ଅଧୀନରେ ଅତିରିକ୍ତ ସୁବିଧାମାନ ପ୍ରଦାନ କରିବା ପାଇଁ ଆବେଦନକୁ ଗ୍ରହଣ କରିବାର କ୍ଷମତା ନାହିଁ । ତେଣୁ ଏହି ଆଦେଶ  ସ୍ପଷ୍ଟ ଭାବରେ ଏକ ଅସିଦ୍ଧ ଆଦେଶ ଅଟେ । ଉଚ୍ଚ ନ୍ୟାୟାଳୟ ଏହି ଗୁରୁତ୍ୱପୂର୍ଣ୍ଣ ବିଚାର ଉପରେ ନିଜର ମନଯୋଗ କରିନାହାଁନ୍ତି କିନ୍ତୁ ଆବେଦନକୁ ସରାସରି ଭାବେ ଖାରଜ କରିଦେଇଛନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଉଛି । ଉଚ୍ଚ ନ୍ୟାୟାଳୟ ଏବଂ ଦେୱାନୀ ନ୍ୟାୟାଳୟର ଆଦେଶକୁ ବାତିଲ କରାଯାଉଛି ଏବଂ ଆବେଦନଟି ଖାରଜ ହେଉଛି । ଏହି ପରିସ୍ଥିତିରେ, ଆମ୍ଭେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ କରୁନାହୁଁ ।

ଏ.ଜି.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**